# ବିଶ୍ୱ ଏଡସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ।

## Preparatory meeting for World Aids Day.

## ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ହେବ ଗଣଦୌଡ ।

ଅନୁଗୋଳ,ତା.୦୨.୧୧:- ଜିଲ୍ଲାରେ ଏଡସ୍ ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ଏହାର ନିୟନ୍ତ୍ରଣ ନିମନ୍ତେ ଡିସେମ୍ବର ଏକ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଏଡସ୍ ଦିବସ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଶ୍ୱ ଏଡ୍ସ ଦିବସକୁ ଅନୁଗୋଳ ଜିଲ୍ଲାରେ ପାଳନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଦିବସକୁ ସମସ୍ତଙ୍କର ସହଯୋଗରେ ସଫଳତାର ସହିତ ପାଳନ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଭିନ୍ନ ଅନୁଷ୍ଠାନ ଓ ଶିଳ୍ପ ସଂସ୍ଥା ଦ୍ୱାରା ବିଶ୍ୱ ଏଡସ୍ ଦିବସ ପାଳନ ନିମନ୍ତେ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି । ବିଶ୍ୱ ଏଡସ୍ ଦିବସ ପାଳନ ଉପଲକ୍ଷେ ଡିସେମ୍ବର ୧ ତାରିଖରେ ଏକ ବିରାଟ ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରି ସହର ପରିକ୍ରମା କରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ପହଂଚିବ । ଏହି ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଆଶା,ଅଙ୍ଗନୱାଡି କର୍ମୀ ଓ କିନ୍ନରମାନଙ୍କ ସମେତ ସ୍ୱାସ୍ଥ୍ୟ ସେବା ସହିତ ଜଡିତ ବିଭିନ୍ନ ଅନୁଷ୍ଠାନ, ନର୍ସିଂ ଟ୍ରେନିଂ ଇନିଷ୍ଟିଚ୍ୟୁସନ, ସ୍କାଉଟ୍ ଓ ଏନ୍ ସି ସିର ଛାତ୍ର ଛାତ୍ରୀମାନେ ଯୋଗ ଦେବେ । ଏଥିପାଇଁ ଆନୁସଂଗିକ ବ୍ୟବସ୍ଥା କରିବାକୁ ବିଭିନ୍ନ ବିଭାଗ ଓ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାଛଡା ଏଡସ୍ ରୋଗ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଓ ବସଷ୍ଟାଣ୍ଡ ଠାରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଚଳିତ ମାସ ୨୬ ଓ ୨୭ ତାରିଖରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେଉଥିବା ବେଳେ ଡିସେମ୍ବର ୧ ତାରିଖରେ ରକ୍ତ ଭଣ୍ଡାର ଠାରେ ରକ୍ତଦାନ ଶିବିର, କେନ୍ଦ୍ରିୟ ବିଦ୍ୟାଳୟ ଠାରେ ମାନବ ଶୃଙ୍ଖଳ,ଟ୍ରକ ମାଲିକ ସଂଘ ଠାରେ ବସ,ଟ୍ରକ୍ ଓ ଅଟୋରିକ୍ସାରେ ଷ୍ଟିକରିଂ କରାଯିବ । ଏହାଛଡା ଡିସେମ୍ବର ୧ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ମାସ ୨୮ ତାରିଖରେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଏଡସ୍ ଓ ଏଚ୍ ଆଇ ଭି ସମ୍ପର୍କରେ କୁଇଜ୍ ପ୍ରତିଯୋଗିତା ଓ ଅନୁଗୋଳ ଜେଲ୍ ଠାରେ ଡିସେମ୍ବର ୨ ତାରିଖରେ ଜେଲର ଅନ୍ତେବାସୀମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଡସ୍ ଓ ଏଚ୍ ଆଇ ଭି ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲାର ପ୍ରମୁଖ ସ୍ଥାନ ଗୁଡିକରେ ବ୍ୟାନର

ଲଗାଯିବା ସହ ବିଭିନ୍ନ ସ୍ଥାନରେ Mass motivation camp ଆୟୋଜନ କରାଯିବ । ଚଳିତ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବ୍ୟାଙ୍କ, ଏମ୍ ସି ଏଲ୍, ମେଡିକ୍ସ, SARC and USS,NALCO,JSPL, ଟ୍ରକ ମାଲିକ ସଂଘ,ସରସ୍ୱତୀ ବିଦ୍ୟା ମନ୍ଦିର ଓ କେନ୍ଦ୍ରିୟ ବିଦ୍ୟାଳୟର ସହଯୋଗ ନିଆଯାଉଛି । ଏହି ବୈଠକର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲା ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଆୟୋଜନ କରି ଏହି ମାରାତ୍ମକ ରୋଗକୁ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଡସ୍ ଓ ଏଚ୍ ଆଇ ଭି ସାଂପ୍ରତିକ ପରିସ୍ଥିତିରେ ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥିବାରୁ ଏହାର ନିୟନ୍ତ୍ରଣ ନିମନ୍ତେ ସାମୁହିକ ଭାବେ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଡସ୍ ରୋଗ ସମ୍ପର୍କରେ ଲୋକମାନଙ୍କ ମନରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ନିମନ୍ତେ ରୋଗ ସମ୍ପର୍କରେ ଶିକ୍ଷା ପ୍ରଦାନ କରି ସେମାନଙ୍କର ବିଶ୍ୱାସଭାଜନ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଏହି ବୈଠକରେ ଯୋଗ ଦେଇ ଏଡସ୍ ଓ ଏଚ୍ ଆଇ ଭି ରୋଗର କାରଣ ଓ ଏହାର ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ । ଶିଳ୍ପ ସଂସ୍ଥାଗୁଡିକ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ଏଡସ ନିବାରଣ ଓ ନିୟନ୍ତ୍ରଣ କମିଟୀର ଡି ପି ଏମ୍ ଡ. ପ୍ରମିଳା ହୋତା ଅନୁଗୋଳ ଜିଲ୍ଲାରେ ବିଶ୍ୱ ଏଡସ୍ ଦିବସ ପାଳନ ନିମନ୍ତେ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଶେଷରେ ଏ ଆର ଟି ସେଣ୍ଟରର ଏସ୍ ଏମ୍ ଓ ଡା.ଶାଶ୍ୱତ ସାଗର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ଏମ୍ ଓ(ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସମେତ,ଶିଳ୍ପ ସଂସ୍ଥାର କର୍ମକର୍ତ୍ତା,ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।




PROGRAMMES CONDUCTED FOR
OBSERVATION OF WORLD AIDS DAY-2018 AT ANGUL